# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନଂ. 23576 ତା.. 31.12.16

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ସଲଗ୍ନିତ ଚିଠାମତେ ଘିଅ ଦୀପ ଦୋକାନକୁ ତା.୧୬.୧.୨୦୧୭ ରୁ ୧୫.୧.୨୦୧୮ ରିଖ ନର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ **ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ଗ୍ରାଣ୍ଡ ରୋଡ, ପୁରୀ** ଠାରେ ପ୍ରଶାସକ (ଉନ୍ନୟନ)ଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ଏଥି ପାଇଁ ଟେଣ୍ଡର ପେପର ଶ୍ରୀମନ୍ଦିର କାର୍ଯ୍ୟାଳୟ, ପୁରୀରୁ କାର୍ଯ୍ୟ ଦିବସମାନଙ୍କର କାର୍ଯ୍ୟାଳୟ ସମୟରେ ନିଲାମ ଇସ୍ତାହାର ହେବା ଦିନ ଠାରୁ ଅପରାହ୍ନ ଘ.୩.୦୦ଣ୍ଟା ମଧ୍ୟରେ ଟ.୧୦୦/- ଦେଇ କ୍ରୟ କରିପାରିବେ । ଉକ୍ତ ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଧାର୍ଯ୍ୟ ମୂଲ୍ୟ (Upset Price) ର ୧୦% ଅମାନତ ରାଶି ଦାଖଲ କରି ନିଲାମରେ ଭାଗ ନେଇପାରିବେ । ଏହି ଅମାନତ ଅର୍ଥ "Chief Administrator, Shree Jagannath Temple, Puri" ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ କରାଯିବା ଆବଶ୍ୟକ । ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଯଉମୁଦ ଲଫାଫାରେ ବ୍ୟାଙ୍କ ଡ୍ରାଫ୍ଟ ସହିତ ସର୍ବୋଚ୍ଚ କେତେ ମୂଲ୍ୟରେ ଉକ୍ତ ଘିଅ ଦୀପ ଦୋକାନକୁ ନିଲାମ ନେବା ପାଇଁ ଚାହୁଁଛନ୍ତି ତାହା ଟେଣ୍ଡର ଫର୍ମରେ ଦର୍ଶାଇବେ । ନିଲାମ ଅଂଶଗ୍ରହଣକାରୀ ନିଲାମ କାଗଜାତ୍ (Tender Papers) ସହିତ ନିଜସ୍ୱାକ୍ଷରିତ ସହି ନକଲ ଫଟୋ ପରିଚୟ ପତ୍ର, ଆଧାର କାର୍ଡ ପ୍ରମାଣ ପତ୍ର ସଂଲଗ୍ନ କରିବେ । ଏହି ନିଲାମ ପତ୍ର (Tender Paper) ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀଠାରେ ଥିବା ଟେଣ୍ଡର ବାକ୍ସରେ କାର୍ଯ୍ୟ ଦିବସମାନଙ୍କର ପକାଇ ପାରିବେ କିମ୍ବା ରେଜେଷ୍ଟ୍ରି ଡାକ ଓ କ୍ଷିପ୍ରବାହକ (Courier Post) ମାଧ୍ୟମରେ "Chief Administrator, Shree Jagannath Temple, Puri" ଙ୍କ ଠିକଣାରେ ପଠାଇ ପାରିବେ । ଏହି ନିଲାମ କାଗଜାତ୍ (Tender Papers) ନିଲାମ ଇସ୍ତାହାର ପ୍ରକାଶ ହେବା ଦିନ ଠାରୁ ତା ୧୦.୧.୨୦୧୭ ରିଖ ଅପରାହ ୫ ଘଟିକା ମଧ୍ୟରେ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ବା ହସ୍ତଗତ ହୋଇଥିବା ହେବା ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ବିଚାରକୁ ନିଆଯିବ ନାହିଁ । ହସ୍ତଗତ ହୋଇଥିବା ନିଲାମ ଦରଖାସ୍ତଗୁଡିକ ତା ୧୧.୧.୨୦୧୭ ରିଖ ଦିବା ୧୧.୩୦ ଘଟିକା ସମୟରେ ଖୋଲାଯାଇ ଯୋଗ୍ୟ ବିବେଚିତ ଟେଣ୍ଡର ଦାତାଙ୍କର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରାଯିବ । ସର୍ବୋଚ୍ଚ ନିଲାମଧାରୀ ନିଲାମ ମୂଲ୍ୟର ଶତକଡା ୨୫% ଉକ୍ତ ଦିନ ପଇଠ କରିବେ ଓ ବାକି ଶତକଡା ୭୫% ନିଲାମ ମୂଲ୍ୟ ୩ ଦିନ ମଧ୍ୟରେ ଦାଖଲ କଲା ପରେ ନିଲାମ ଦୃଢ଼ିକରଣ କରାଯିବ । ନିଲାମରେ ସ୍ଥିର ହୋଇଥିବା ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ କ୍ଷମତା ପ୍ରାପ୍ତ ଅଧିକାରୀ ବାଧ୍ୟ ନୁହନ୍ତି ଓ ଆବଶ୍ୟକ ସ୍ଥଳେ କୌଣସି କାରଣ ନଦର୍ଶାଇ ନିଲାକ ଖାରଜ କରିପାରିବେ । ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତି ନିଲାମ ଟେଣ୍ଡର ପକାଇବା ପୂର୍ବରୁ ଦୀପ ଦୋକାନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ନିୟମାବଳୀ କାର୍ଯ୍ୟଦିବସମାନଙ୍କର ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ ଠାରେ କିମ୍ବା ଶ୍ରୀମନ୍ଦିର ୱେବ୍‌ସାଇଟ୍ (www.jagannath.nic.in) ରେ ଦେଖିପାରିବେ । ନିଲାମ ଗ୍ରହିତା ଶ୍ରୀମନ୍ଦିର ପ୍ରଶାସନ ସହ ଆବଶ୍ୟକୀୟ ଚୁକ୍ତିପତ୍ର ସଂପାଦନ କରି ଚୁକ୍ତି ମୁତାବକ ଦୀପ ଦୋକାନ ପରିଚାଳନା କରିବେ ।

ପ୍ରସନ୍ନ ... 31.12.2016

ପ୍ରଶାସକ (ଉନ୍ନୟନ)
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ